**ଆଫଜଲ ଗୁରୁଙ୍କ ଫାଶୀ ଦେବା ଘଟଣାକୁ ନିନ୍ଦା କରି ପାକିସ୍ତାନ ପାର୍ଲିଆମେଣ୍ଟରେ ଗ୍ରହଣ କରାଯାଇଥିବା ଏକ ଚୁକ୍ତି ।**

**ବିରୋଧୀ ଦଳର ନେତା, ରାଜ୍ୟ ସଭା ଶ୍ରୀ ଅରୁଣ ଜେଟଲୀ**

ଗତ କାଲି ପାକିସ୍ତାନ ପାର୍ଲିଆମେଣ୍ଟରେ ଏକ ପ୍ରସ୍ତାବ ଗୃହୀତ ହୋଇଅଛି ଯେଉଁଥିରେ ଭାରତ ପାର୍ଲିଆମେଣ୍ଟ ଉପରେ ଆକ୍ରମଣ କରିଥିବା ଆତଙ୍କବାଦୀ ଆଫଜଲ ଗୁରୁର ଫାଶୀ ଦେବା ଘଟଣାକୁ ନିନ୍ଦା କରାଯାଇଅଛି । ବାସ୍ତବରେ ଆମ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ପାକିସ୍ତାନର ଏଭଳି ଭାବରେ ହସ୍ତକ୍ଷେପ କରିବା ଖୁବ ନିନ୍ଦନୀୟ । ଆମେମାନେ ପ୍ରାୟତଃ କହିଥାଉ କି ପାକିସ୍ତାନର ପ୍ରକୃତ ଶାସନ କାହା ହାତରେ ? ତାଙ୍କ ସେନା ବାହିନୀ ହାତରେ ? ନା ଆଇ.ଏସ.ଆଇ ହାତରେ ? ନା ସରକାର ହାତରେ ? ନା ଅନ୍ୟ କୌଣସି ସ୍ଥାନୀୟ ଆତଙ୍କବାଦୀ ଦଳ ହାତରେ ? ମାତ୍ର ଗତ କାଲି ସେଠାକାର ସମ୍ବିଧାନରେ ଏପରି ପ୍ରସ୍ତାବ ଗୃହୀତ ହେବା ଦ୍ୱାରା ଆତଙ୍କବାଦ କାର୍ଯ୍ୟକଳାପରେ ତାଙ୍କ ସରକାରଙ୍କ ସହମତି କଥା ସୁସ୍ପଷ୍ଟ ହୁଏ ।

ପୂର୍ବରୁ ଆମେମାନେ ବିଶ୍ୱାସ କରି ଆସିଥିଲୁ କି, ପାର୍ଲିଆମେଣ୍ଟ ଉପରେ ହୋଇଥିବା ଆକ୍ରମଣର ଷଡ଼ଜନ୍ତ୍ରମାନ ସୀମାନ୍ତରେ ହିଁ ହୋଇଅଛି । ହେଲେ କାଲିର ଉକ୍ତ ଚୁକ୍ତିରୁ ମନେହୁଏ କି ଆମ ଦେଶର ଉଦାର ନୀତି ଯୋଗୁଁ ସେ ପୂର୍ବପରି ଉକ୍ତ ଦୋଷୀକୁ କ୍ଷମା ନଦେଇ ଫାଶୀ ଦେବା ଯେପରି ଏକ ବିରାଟ ଭୂଲ ଅଟେ । ଭାରତୀୟ ସୈନିକ ମାନଙ୍କ ଶିରଚ୍ଛେଦ, ହାଇଦ୍ରାବାଦର ବୋମା ବିସ୍ଫୋରଣ, ଶ୍ରୀ-ନଗର ସି.ଆର.ପି.ଏଫ କ୍ୟାମ୍ପ ଉପରେ ଆକ୍ରମଣ ଆଦି ସମସ୍ତ ଷଡ଼ଜନ୍ତ୍ର ଯେପରି ଉକ୍ତ ପ୍ରସ୍ତାବର ଶୀର୍ଷରେ ରହିଅଛି । ତେଣୁ ଉକ୍ତ ଘଟଣାରୁ ପାକିସ୍ତାନର ମନୋବୃତ୍ତି ସ୍ପଷ୍ଟ ହେବା ପରେ ତାହା ସହ କିପରି ବ୍ୟବହାର କରିବାକୁ ହେବ ତାହା ସରକାରଙ୍କୁ ଚିନ୍ତା କରିବାକୁ ହେବ । ପ୍ରଧାନ ମନ୍ତ୍ରୀ ପୂର୍ବରୁ ପ୍ରକାଶ କରିଥିଲେ କି, ପାକିସ୍ତାନ କ୍ଷେତ୍ରରେ ଆମକୁ ଏକ ମାଇଲ ଅଧିକ ଚାଲିବାକୁ ହେଲେ ମଧ୍ୟ ସେ ପ୍ରସ୍ତୁତ ଅଟନ୍ତି । ମାତ୍ର ବର୍ତ୍ତମାନ ପରିସ୍ଥିତିକୁ ଦେଖିଲେ ମୋର ମନେହୁଏ କି, ଏକ ମାଇଲ ତ ଦୂର କଥା ଏକ ୟାର୍ଡ଼ ମଧ୍ୟ ଅଧିକ ଚାଲିବା ଉଚିତ ନୁହେଁ । ପାକିସ୍ତାନ ସହ କୌଣସି ପ୍ରକାରର ଆଲୋଚନାଠାରୁ ପ୍ରଥମେ ଦୂରେଇ ରହିବା ଉଚିତ । ବରଂ ଆମ ପାଖରେ ପହଞ୍ଚିବାକୁ ତାକୁ ଦୁଇ ମାଇଲ ଅଧିକ ଚାଲିବାକୁ ହେବ । ଏଭଳି ପ୍ରସ୍ତାବ ନେଇ ତାହା ସହ ମିତ୍ରତାର ସମ୍ପର୍କ କଅଣ ସମ୍ଭବ ? ଆଜି ଆମ

ଦେଶ ଇସଲାମାବାଦ ନେଇ ବା ରୋମ ନେଇ ହେଉ ବିଭିନ୍ନ ପ୍ରକାର ଜଟିଳ ପରିସ୍ଥିତିର ସାମ୍ନା କରୁଅଛି ।

ମୋ ଦୃଷ୍ଟିରେ ପ୍ରଥମେ ଦେଶର ବୈଦେଶିକ ନୀତିର ପୁନରାଲୋଚନା କରିବା ଆବଶ୍ୟକ । ଯଦି ଏହି ନୀତି ଯୋଗୁ ଭାରତ ବିଶ୍ୱରେ ନିନ୍ଦିତ ହେଉଅଛି, ତେବେ ଏହି ନୀତିରେ ହିଁ ତ୍ରୁଟି ରହିଅଛି । ତେଣୁ ମାନ୍ୟବର ପ୍ରଧାନ ମନ୍ତ୍ରୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ସଦନରେ ଏକତ୍ର ଉପସ୍ଥିତ ହୋଇ ଉକ୍ତ ଘଟଣାକୁ ସବିଶେଷ ଆଲୋଚନା କରିବା ଆବଶ୍ୟକ ।